# ସାହିତ୍ୟ ଦର୍ପଣ



## ସ୍ମରଣିକା



ସୁଦର୍ଶନ ମହାପାତ୍ର

ଘରେ ଟିକିଏ ଅଳନ୍ଧୁ ବା ବୁଢ଼ିଆଣୀ ବସା ଦେଖିଲେ ବିରକ୍ତ ହୁଅନ୍ତି ବାପା। ସବୁବେଳେ ପରିଷ୍କାର ପରିଚ୍ଛନ୍ନତାକୁ ପ୍ରାଥମିକତା ଦେଉଥିବା ବାପା ନିଜ କର୍ମକ୍ଷେତ୍ର କଲିକତା ରୁ ଘରକୁ ଆସିଲେ ନିଜେ ବି ଲାଗି ପଡନ୍ତି ସେଇ କାମରେ।

ଆଜି ବାପାଙ୍କ ଆଲମିରା ସଫା କଲାବେଳେ ଖୁବ୍ ଧୂଳି, ଅସରପା ମଳ ଏବଂ ଝିଟିପିଟି ଅଣ୍ଡା ଦେଖିଲି। ହାତ ମଇଳା ହେଲା ସେସବୁ ପରିଷ୍କାର କଲାବେଳକୁ।

ମନେ ପଡିଲା ବାପାଙ୍କ ରାଗ ତମ ତମ ମୁହଁ। ହେଲେ ସେଇ ରୂପ କ୍ଷଣିକ।ପର ମୁହୂର୍ତ୍ତରେ ବାପା ଜଣେ ପ୍ରାଜ୍ଞ ଋଷି ବୋଲି ମଧ୍ୟ ମୋତେ ପ୍ରତୀୟମାନ ହୁଅନ୍ତି। ବାହାର ଦୁନିଆକୁ ବାପା ଜଣେ ଶାନ୍ତ,ସ୍ୱଚ୍ଛଭାଷୀ,ଅମାୟିକ ମଣିଷ ରୂପେ ପରିଗଣିତ ହୁଅନ୍ତି।

ପିଲାବେଳେ ବାପାଙ୍କର ଗାମ୍ଭୀର୍ଯ୍ୟକୁ ଆମେ କ୍ରୋଧ ବୋଲି ଧରି ନେଉଥିଲୁ। ବାପା ଘରକୁ ଆସିଲେ ଏକ ପ୍ରକାର ଗୁମସୁମ ଭାବ ଖେଳିଯାଏ ଆମ ଘରେ।ଯେଉଁ ବୟସରେ ଆମ ଭାଇଭଉଣୀଙ୍କ ଭିତରେ ଚପଳତା ଦୃଷ୍ଟିଗୋଚର ହେବାର କଥା ସେ ସମୟରେ ଆମେ ଜଣେ ଜଣେ ପ୍ରବୁଦ୍ଧ ସାଜି ରହୁଥିଲୁ।

ଆଲମିରା ସଫା କଲା ଭିତରେ ମୁଁ ଚାହିଁଲି କାନ୍ଥରେ ଟଙ୍ଗା ହୋଇଥିବା କର୍ପୁର ମାଳାରେ ସଜ୍ଜିତ ବାପାବୋଉଙ୍କ ଲାଇଫ ସାଇଜ୍ ଫଟୋ ଉପରେ। ଆଜି ବି ସେଇ ଫଟୋରେ ବାପା ହସୁଛନ୍ତି ବୋଲି ମୋତେ ଲାଗିଲା। ଆଉ ସେଇ ହସ ଭିତରେ ହିଁ ଯେମିତି ଲୁଚି ବସିଛି ଦୁନିଆଦାରିର ସବୁ ଉପଲବ୍ଧି। ମୁଁ ବୁଝିବି ବୁଝିବି ବୋଲି ଶେଷ ପର୍ଯ୍ୟନ୍ତ ବୁଝି ପାରିଲିନି ବାପାଙ୍କ ଈଶ୍ୱରୀୟ ନିର୍ମଳ ହସ ଭିତରେ ଛପିଥିବା ପରିଚିତ ଦୁଃଖକୁ।

ସେ ଯେମିତି କହୁଛନ୍ତି –' ଭିତରେ ହସ ଉପରକୁ କ୍ରୋଧ ନେଇ ଜୀଇଁଶିଖ। କାରଣ ଭିତରଟା ତୁମର କିନ୍ତୁ ବାହାରଟା ତୁମର ନୁହେଁ। ସେଇଟା ସବୁବେଳେ ଅନ୍ୟମାନଙ୍କର। ସେମାନଙ୍କୁ ହସ ମୁହଁ ଦେଖାଅ। ତୁମ ଭିତରର ଦୁଃଖ ସବୁ ଲୁଚାଅ।'

ଆଲମିରାରେ ଥିଲା ଅନେକ ବହି। ଗଳ୍ପ, ଉପନ୍ୟାସ, କବିତା ବହି ଅଳ୍ପ ସଂଖ୍ୟକ ଥିଲା । କିନ୍ତୁ ଅଧିକାଂଶ ବହି ଥିଲା ଧର୍ମ ଓ ମନସ୍ତତ୍ତ୍ୱ ବିଷୟକ। ହିନ୍ଦୀ, ଓଡ଼ିଆ, ବଙ୍ଗଳା ଭାଷାର ବହିରେ ଭର୍ତ୍ତି ଥିଲା ଆଲମୀରା। ଗୀତା, ଭାଗବତ, ରାମାୟଣ ,ପୁରାଣ ମାନ ଆଲମିରାରେ ସୁନ୍ଦର ଭାବରେ ସଜ୍ଜିତ ଥିଲା।

ଭାବିଲି ବାପା ଏ କ'ଣ ସବୁ ପଢିଥିଲେ !

ପଢିଥିବେ ନିଶ୍ଚୟ।କଲିକତାରୁ ଅବସର ନେଇ ଘରେ ଆସି ରହିବା ପରେ ଆଉ କିଛି କାମ ନଥିଲା। ଶୀତଦିନେ ଦାଣ୍ଡରେ ଚେୟାର ଟିଏ ପକେଇ ଖରାକୁ ପଛକରି ବସି ବାପା ବହି ପଢୁଥିଲେ। ଅନେକ ଥର ଏଇ ବହି ପଢୁଥିବା ଅବସ୍ଥାରେ ବାପାଙ୍କ ମୁହଁରେ ତନ୍ମୟତା ଫୁଟି ଉଠୁଥିବାର ଦେଖିଛି। ଏମିତି କି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ବି ସେ ବହି ଧରି ପଢୁଥିଲେ। ମଝିରେ ମଝିରେ ନିଦ ଭାଙ୍ଗିଗଲେ ମାଗୁଥିଲେ –' ଦେ ମୋ ଚଷମା ଟା ଦେ।' ତାପରେ ତକିଆ ତଳୁ ବାହାର କରୁଥିଲେ ବହି ଖଣ୍ଡେ..!

ସେଇ ସମୟରେ ଲାଗୁଥିଲା ବାପା ଘରକୁ ଯାଇ ଆଉ କିଛି କାଳ ବଞ୍ଚିବେ। ହେଲେ ହଠାତ୍ ବାପା ସଂଜ୍ଞାହୀନ ହୋଇଗଲେ। ସାଲାଇନ, ଇଞ୍ଜେକସନ, ଔଷଧ ଆଦି ବାପାଙ୍କ ଦେହରେ ଆଉ କାମ ଦେଉନଥିଲା। ସେ ନିର୍ବାକ, ଚକ୍ଷୁ ମୁଦ୍ରିତ ଅବସ୍ଥାରେ ପଡି ରହିଲେ।

ବାପା ଠିକରେ ନିଃଶ୍ୱାସ ନେଇ ପାରୁନାହାନ୍ତି ତେଣୁ ତାଙ୍କ ତଣ୍ଟି ପାଖରେ ଅପରେସନ କରି ଛୋଟ କଣାଟିଏ କରିବାକୁ ହେବ ଏବଂ ସେଇ କଣାବାଟେ ଲାଗିଥିବା ପାଇପ୍ ଦ୍ୱାରା ବାପା ନିଃଶ୍ୱାସ ନେବେ ବୋଲି ଡାକ୍ତର କହିଲେ ତ ମୁଁ ରାଜି ହେଲି ନାହିଁ।କାରଣ ମନେ ପଡିଲା ବାପା ବାରମ୍ବାର କହିଥିବା କଥା । –' ଡାକ୍ତରଖାନାରେ ମୋତେ କଟାକଟି କରାଇବ ନାହିଁ। ସେସବୁ କଲେ ରୋଗୀ ଶୀଘ୍ର ମରିଯାଏ।'

ବାପା ଚାହୁଁଥିଲେ ଘରେ ମରିବାକୁ ଏବଂ ନିଜ ଭିଟାମାଟିରେ ଦାହ ହେବାକୁ। ଡାକ୍ତରଙ୍କ ଆଶ୍ୱାସନା ଏବଂ ଚିକିତ୍ସା ଉପରୁ ବି ମୋର ଆସ୍ଥା ଉଠିଯାଇଥିଲା। ମୋର ବିଶ୍ୱାସର କାଚ୍ଘର ଭାଙ୍ଗି ଯାଇଥିଲା।

ମୁଁ ଡ଼ାକ୍ତରଙ୍କୁ ଭେଟିଲି। ନିଜକୁ ଯଥା ସମ୍ଭବ ପ୍ରକୃତିସ୍ଥ ଏବଂ ସଂଯତ ରଖି ବାପାଙ୍କୁ ଡିସଚାର୍ଜ କରିଦେବାକୁ କହିଲି। ଏତିକି ଶୁଣି ଡାକ୍ତର ବାବୁ ଚିହିଁକି ଉଠିଲେ ଯେମିତି। ଏତେଦିନ ଧରି ହସି ହସି ଆଶ୍ୱାସନା ଦେଉଥିବା ଡ଼ାକ୍ତରଙ୍କ ଅଙ୍ଗଭଙ୍ଗୀ ସବୁ ବଦଳିଗଲା।

– 'ନେଇ ଯାଆନ୍ତୁ' ।ଖୁବ୍ କର୍କଶ ଥିଲା ସେ ସ୍ୱର।

ଡାକ୍ତରଙ୍କର ଉଚ୍ଚାରିତ ସେଇ ' ନେଇ ଯାଆନ୍ତୁ' ଶବ୍ଦ ଦୁଇଟି ମୋତେ ସ୍ପଷ୍ଟ ସୂଚେଇ ଦେଲା ଯେ ' ମୁଁ ହାର ମାନିଯାଇଛି। ମୁଁ କ'ଣ କେହି ହେଲେ ବି ତୁମ ବାପାଙ୍କୁ ଆଉ ଭଲ କରି ପାରିବେ ନାହିଁ' ।

ବାପାଙ୍କର ମୃତ୍ୟୁକୁ ସହ୍ୟ କରିବା ନିମନ୍ତେ ମାନସିକ ସ୍ତରରେ ମୁଁ ପ୍ରସ୍ତୁତ ହୋଇଗଲି ସେଇ ମୁହୂର୍ତ୍ତରେ। ଘରକୁ ନେଇ ଆସିଲି ବାପାଙ୍କୁ। ଘରେ ସାଲାଇନ ଲଗାଇବାର ବ୍ୟବସ୍ଥା ମଧ୍ୟ କରାଇଲି। ଯାହା କିଛି ଔଷଧ ଦେବାର କଥା ଯୋଗାଡ଼ କଲି।ବାପାଙ୍କ ଦେହ ଖରାପ ଖବର ପାଇ ବାହାରେ ରହୁଥିବା ସାନଭାଇ ଏବଂ ଶାଶୁଘରୁ ସାନ ଭଉଣୀ ମଧ୍ୟ ପହଞ୍ଚିଲେ।

ଘରେ ମାତ୍ର ଦୁଇ ଦିନ ରହିଲେ ବାପା। ମୁଁ ଆଶା କରୁଥିଲି ଶେଷ ବେଳକୁ ବାପା କିଛି କହିବେ ବୋଲି। ମାତ୍ର ସେମିତି କିଛି ହେଲା ନାହିଁ। ବାପା ପ୍ରାୟ ସମୟ ନିରବ ରହୁଥିଲେ। ହେଲେ କିଛି କିଛି କଥା ଯାହା ତାଙ୍କ ପାଟିରୁ ବାହାରୁଥିଲା ସେସବୁଥିରୁ ଆମେ ବୁଝୁଥିଲୁ ବାପା ବୋଉ ସହିତ ହିଁ କଥାବାର୍ତ୍ତା କରୁଛନ୍ତି।

ବାପାଙ୍କର ଉପସ୍ଥିତି ହିଁ ଥିଲା ଆମର ଦମ୍ଭ। ସେ ଥିଲାବେଳେ ଖରା, ବର୍ଷା,ଶୀତ,କାକର, ଆଲୁଅ, ଅନ୍ଧାର କିଛି ବି ଜଣା ପଡୁନଥିଲା। ଆମେ ହୋଇ ଯାଇଥିଲୁ ନିଃସହାୟ...!

କାରଣ ଆଗରୁ ବୋଉ ଚାଲିଯାଇଥିଲା।

ଅଚାନକ ଯେଉଁଦିନ ବୋଉର ହୃଦଘାତ ହେଲା ଆମେ ତାକୁ ନେଇ ମେଡ଼ିକାଲରେ ଭର୍ତ୍ତି କରାଇଥିଲୁ। ଖବର ପାଇ ବାପା କଲିକତାରୁ ଆସି ପହଞ୍ଚିଲା ବେଳକୁ ବୋଉ କିନ୍ତୁ ଶେଷ ନିଃଶ୍ୱାସ ତ୍ୟାଗ କରିସାରିଥିଲା।

ବାପାଙ୍କୁ ଦେଖୁ ଦେଖୁ ଆମେ ସବୁ ଭାଇ ଭଉଣୀ ଭୋ ଭୋ କାନ୍ଦିବାକୁ ଲାଗିଲୁ ଏବଂ ବନ୍ଧୁ ପରିଜନ, ସାହି ପଡିଶା ଶୋକାର୍ତ୍ତ ଥିଲେ । ପରିବେଶ ଗୁମସୁମ ଥିଲା।ମାତ୍ର ବାପା ଲାଗୁଥିଲେ ନିର୍ବିକାର ! କେବଳ ଯାହା ତା'ଙ୍କ ପାଦ ଠାରୁ ମୁଣ୍ଡ ପର୍ଯ୍ୟନ୍ତ ସତେ ଯେମିତି ନୀରବତା ଛାଇ ଯାଇଥିଲା।ବାପାଙ୍କ ଆଖିରେ ଟୋପାଏ ବି ଲୁହ ନଥିଲା।

ଭାବୁଥିଲି ଲୁହ ଦେଖିବାକୁ ମୁଁ ଅସମର୍ଥ ନା ବାପା କେବେ ଲୁହ ଗଡ଼ାଇ ନାହାନ୍ତି ? ବାପା କ'ଣ କେବେ କାନ୍ଦି ନାହାନ୍ତି ?

ଏତେସବୁ ଦୁଃଖ ଯନ୍ତ୍ରଣାକୁ ଅନାୟାସରେ ସହୁଥିବା ବାପାଙ୍କ ଛାତି କେଉଁ ଧାତୁରେ ଗଢ଼ା ? ଛାତିଟା ତାଙ୍କର ପଥର ପରି ନା ବାପା ଛାତିକୁ ପଥର କରିପାରନ୍ତି ?

ସୁଖଦୁଃଖରେ କାଟିଥିବା ଦୀର୍ଘ ବର୍ଷର ଦାମ୍ପତ୍ୟ ସମ୍ପର୍କକୁ ଛିନ୍ନକରି ବୋଉ ଆରପାରିକୁ ଚାଲିଯାଇଥିଲା। ବାପା ଦୁଃଖରେ ଆତ୍ମହରା ହେବା ବଦଳରେ ବୋଉର ଶବ ସତ୍କାର କେମିତି କରାଯିବ, ଶୁଦ୍ଧିକ୍ରିୟା କିପରି କରିହେବ, ସେଇଥିରେ ବ୍ୟସ୍ତ ଥିଲେ। ବୋଉ ମୃତ୍ୟୁର ବାରଦିନ ପରେ ଘର ଶୂନ୍‌ଶାନ୍ ହୋଇଯାଇଥିଲା।

ବନ୍ଧୁବାନ୍ଧବ ନିଜ ନିଜର ଗନ୍ତବ୍ୟ ସ୍ଥଳକୁ ଚାଲିଯାଇଥିଲେ । ଭାଇ ଭଉଣୀ ଦୁଇ ଜଣ ମଧ୍ୟ ନିଜ ନିଜ ଜାଗାକୁ ଫେରି ଯାଇଥିଲେ। ଦିନେ ରାତ୍ରିର ନିସ୍ତବ୍ଧ ପ୍ରହରରେ ବାପାଙ୍କୁ ଘରେ ଏପଟସେପଟ ହେଉଥିବାର ଦେଖିଲି । ପାଖକୁ ଯାଇ ପଚାରିଲି, ବାପା ଏବେ ଶୋଇବ ନାହିଁ କି ? ମୁହଁ ଲୁଚାଇବା ଢଙ୍ଗରେ ବାପା କହିଲେ, ଖରାବେଳେ ଟିକେ ଅଧିକ ସମୟ ଶୋଇପଡିଥିଲି ତ !

ବାପା କିନ୍ତୁ ଖରାବେଳ ସାରା ସେମିତି ଚୁପ୍ ଚାପ୍ ବସିଥିବାର ଦେଖିଥିଲି ମୁଁ । ବାପାଙ୍କ ଉଦାସ ଆଖି ଭିତରେ ଟଳମଳ ଲୁହକୁ ଦେଖୁଥିଲି ମାତ୍ର ତାହା ଗାଲ ଛୁଇଁପାରୁ ନଥିଲା। ବାରମ୍ବାର ଫୁଲି ଉଠୁଥିବା ନାକପୁଡ଼ା, ତଣ୍ଟିରେ ଅଟକି ଯାଉଥିବା ଶବ୍ଦ, ଥରୁଥିବା ଓଠ ଦେଖି ମୁଁ ଅନୁଭବ କରୁଥିଲି ବାପା ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି। ହେଲେ ଦୁଃଖକଷ୍ଟ କୁ ଆକଟ କରିପାରିବାର ମହାମନ୍ତ୍ର ସତେ ଯେମିତି ବାପା ହିଁ କେବଳ ଆତ୍ମସ୍ଥ କରି ପାରିଥିଲେ ବୋଲି ମୁଁ ମନେ କରୁଥିଲି।

ମୁଁ ବାପାଙ୍କର ବଡ଼ପୁଅ ହିସାବରେ ବହୁତ କିଛି ବୁଝିବାର ବୟସ ହୋଇ ଯାଇଥିଲା। ହେଲେ ବାପାଙ୍କୁ ଠିକ୍ କରି ବୁଝି ପାରୁନଥିଲି।ମୋତେ ଲାଗିଲା ବାପା? ଯେମିତି କୌଣସି ଏକ ଅଦୃଶ୍ୟ ବିନ୍ଦୁରେ ନିଜର ସମଗ୍ର ସତ୍ତା ଓ ଚେତନା କୁ କେନ୍ଦ୍ରିତ କରି ଦେଇଥିଲେ। ତାହା ଆଉ କେନ୍ଦ୍ରଚ୍ୟୁତ ହେଲା ନାହିଁ।ତାଙ୍କ ମୁହଁରୁ କଥା ବାହାରୁନଥିଲା।ଆମେ ବୋଉକୁ ହରାଇ ମଧ୍ୟ ବାପାଙ୍କ ଭିତରେ ଉଭୟଙ୍କୁ ଦେଖିଲୁ। ବାପା ନିଜର ବ୍ୟାପକତା ଦର୍ଶାଇଥିଲେ।

ଆଜି ବାପାଙ୍କ ଯିବାର ପାଞ୍ଚ ମାସ ହୋଇଗଲା। କେଜାଣି କାହିଁକି ତାଙ୍କର ଆଲମିରା ଆଉ ବାକ୍ସରେ ସୁରକ୍ଷିତ ଥିବା ସାମଗ୍ରୀମାନଙ୍କୁ ଥରେ ଦେଖିବାକୁ ମନେ ହେଲା। ସେ ଥିଲା ବେଳେ ଆମେ କେହି ତାଙ୍କର ଜିନିଷପତ୍ର ଛୁଉଁନଥିଲୁ।ଅସଲ କଥା ହେଲା ତାଙ୍କର ଜିନିଷପତ୍ର ସବୁ ଏମିତି ସୁସଜ୍ଜିତ ଓ ଶୃଂଖଳିତ ରହୁଥିଲା ଯେ କାଳେ ଏପଟସେପଟ ହୋଇଯିବ ବୋଲି ଭାବି ଡର ଲାଗୁଥିଲା।

କିନ୍ତୁ ଆଜି ବାପାଙ୍କ ଆଲମିରା ପରିଷ୍କାର କଲା ଭିତରେ ମୋତେ ରତ୍ନ ଭଣ୍ଡାର ମିଳିଗଲା। ବାପାଙ୍କ ଲେଖା କବିତାର ପାଣ୍ଡୁଲିପି ମିଳିଲା।ଗୋଲ ଗୋଲ ଅକ୍ଷର। ମୁଁ ଚମତ୍କୃତ ହେଲି। କିଭଳି ଜଣେ ଲୋକ ପ୍ରକାଶନର ସାମାନ୍ୟତମ ଲାଳସା ନରଖି, ନିଜକୁ ବିଜ୍ଞାପିତ କରିବାକୁ ନ୍ୟୂନତମ ଅଭିଳାଷା ନରଖି ଏତେ ଗୁଡିଏ ପୃଷ୍ଠା ପୂରଣ କରିପାରେ !

ମୁଁ ସ୍ଥିର ନିଶ୍ଚିତ ହେଲି। ବାପାଙ୍କ ପ୍ରଥମ ମୃତ୍ୟୁ ବାର୍ଷିକୀ ବେଳେ ସ୍ମରଣିକା ଟିଏ ଭେଟିଦେବି ଆମ ପ୍ରିୟ ପରିଜନଙ୍କୁ, ଏ ସମାଜକୁ। ଦୁନିଆ ସହିତ ପରିଚିତି କରାଇଦେବି ଜଣେ ଅଜଣା ଅଶୁଣା ସାରସ୍ୱତ ସାଧକଙ୍କ ସୃଷ୍ଟିର ବିଶେଷତ୍ୱ କୁ..!

ସ୍ମରଣିକା ପାଇଁ ନିମ୍ନପ୍ରକାରେ ମୁଖବନ୍ଧ ଲେଖିଲି।

'ବାପାଙ୍କ ପାଣ୍ଡୁଲିପିର କିୟଦଂଶ ପଢିଲି। ମୋର ମନେ ହେଲା ବାପା ଖୁବ୍ ବାସ୍ତବବାଦୀ।ଏକ ଅଦ୍ଭୁତ ଧାରଣା ନିଜ ଭିତରେ ବଳବତ୍ତର ରଖିଥିଲେ। ତାଙ୍କର ପ୍ରଚଣ୍ଡ ବିଶ୍ୱାସ ଥିଲା ଯେ ଏ ଜଗତରେ ଶବ୍ଦ ହିଁ ସବୁଠୁ ବଡ଼ ଶକ୍ତି। ମଣିଷର ଭାବନା ରାଜ୍ୟରେ ଶବ୍ଦ ହିଁ ଘଟାଇପାରେ ଏକ ଆମୂଳଚୁଳ ପରିବର୍ତ୍ତନ।

ମାତ୍ର ଏ ଶବ୍ଦ ଯଦି ମୁଖ ନିଃସୃତ ହୁଏ ତାହେଲେ ତା'ର ସାମର୍ଥ୍ୟ ଲୋପ ପାଇଯାଏ।ପ୍ରଭାବ କ୍ଷୀଣତର ହୁଏ।ଏଣୁ ଯେତେ ଅଳ୍ପ କହିବ ସେତେ ଭଲ। ଲିଖିତ ଶବ୍ଦର କ୍ଷମତା ଖୁବ୍ ବେଶୀ।

ବାପା ଚାହୁଁଥିଲେ ମଣିଷ ମନରୁ ହିଂସା, ଦ୍ୱେଷ, ଅହଂକାର ଦୂର ହେଉ। ମଣିଷ ମଣିଷ କୁ ସ୍ନେହ ଶ୍ରଦ୍ଧା ଦେଇ ଶିଖୁ। ମଣିଷ ମଣିଷର ନିକଟତର ହେଉ।

ଏଇ ଜୀବନରେ ପ୍ରଥମଥର ପାଇଁ ମୋର ଇଚ୍ଛା ହେଲା ଶବ୍ଦର ସାଗରରେ ଅବଗାହନ କରିବାକୁ। ଅନ୍ୟ ଏକ ଜଗତରେ ବିଚରଣ କରିବାକୁ।ସମୟ ପାଇଲା ମାତ୍ରେ ମୁଁ ପଢ଼ିବାକୁ ଲାଗିଲି ବାପାଙ୍କ ପାଣ୍ଡୁଲିପିକୁ।ବାପାଙ୍କ ମନ ଓ ଚେତନାର ବ୍ୟାପକ ପରିସୀମା ଯେମିତି ମୋ ଆଗରେ ଉନ୍ମୁକ୍ତ ଥିଲା। ମୁଁ ଏକ ପ୍ରଚଣ୍ଡ ବ୍ୟକ୍ତିତ୍ୱ ର ସାମ୍ନାସାମ୍ନି ହେଲି ସେଇ ଜରିଆରେ।

ସେ ଯେମିତି ମୋ ଆଗରେ ଠିଆ ହୋଇ କହୁଥିଲେ –' ଆରେ ମୋତେ ଦେଖ। ମୋ ପରି ଦୁନିଆକୁ ଅନୁସରଣ କରି ଚାଲିବୁ ନାହିଁ। ତୋତେ ଅନୁସରଣ କରି ଦୁନିଆ ଯେମିତି ଚାଲିବ ସେଥିଲାଗି ନିଜକୁ ଯୋଗ୍ୟ କରିବା ଉଚିତ୍।'

ମୋ ଅନୁଭବରେ ବାପାଙ୍କ ପାଣ୍ଡୁଲିପି ଶବ୍ଦ ମାନଙ୍କର ଏକ ସୁରମ୍ୟ ଉପବନ।ସାଦା କାଗଜର ବିସ୍ତୀର୍ଣ୍ଣ ଫରଦରେ ବାପା ଗାଇଛନ୍ତି ନୀରବତାର ଜୟ। ଏତେ ଆଲୋକିତ ହୋଇ ମଧ୍ୟ ବାପା କରିଛନ୍ତି ଅନ୍ଧକାରର ଆରାଧନା। କାରଣ ଅନ୍ଧକାର ଯୋଗୁଁ ତ ଅନୁଭବ ହୁଏ ଆଲୋକର ଉଜ୍ଜ୍ୱଳତା ! ଅନ୍ଧାର ଏକ ଆଲୋକିତ ଆଶ୍ୱାସନା !'

ବାପାଙ୍କ ଲିଖିତ ପୃଷ୍ଠାଗୁଡିକ ମଧ୍ୟରୁ ମୁଁ ବୁଝିଲି: ସ୍ୱସ୍ତି ର ସାରତତ୍ତ୍ୱ। ମଣିଷ ଜୀବନର ଶୃଂଖଳାବୋଧ ଓ ସୌନ୍ଦର୍ଯ୍ୟବୋଧ ର ଅର୍ଥ।

ପାଣ୍ଡୁଲିପିର ପୃଷ୍ଠା ଗୁଡ଼ିକରେ ମୁଁ ନିମଜ୍ଜିତ ଥିଲାବେଳେ ହଠାତ୍ ମନେହେଲା ମୁଁ ତାଙ୍କରି ରକ୍ତର ବିଗ୍ରହ ହୋଇ ମଧ୍ୟ ତାଙ୍କଠୁ କେତେ ଭିନ୍ନ ! କେତେ ନ୍ୟୂନ !

ଏକା ସାଙ୍ଗରେ ଦୁଇଟି ଅନୁଭବର ଅନ୍ତଃସ୍ୱର ! ତାଙ୍କରି ସନ୍ତାନ ବୋଲି ପୁଲକଭରା ଗର୍ବ, ପୁଣି ତାଙ୍କରି ବ୍ୟକ୍ତିତ୍ୱର କାଣିଚାଏ ସୁଦ୍ଧା ଆହରଣ କରିନପାରିଥିବାରୁ ହୀନମନ୍ୟତା।

ତଥାପି ମୁଁ ପ୍ରାଣ ପ୍ରାଚୁର୍ଯ୍ୟରେ ତନ୍ମୟ ହୋଇଥିଲି।'

ମୋ ଭିତରେ ଏକ ଦୃଢ଼ ପ୍ରତ୍ୟୟର ସୂର୍ଯ୍ୟୋଦୟ ହେଲା। ସେଇ ନାରଙ୍ଗୀ ଆଭା ଭିତରେ ମୁଁ ବାପାଙ୍କ ଉପରେ ଦେଖିବାକୁ ପାଇଲି ଏକ ଆଲୋକ ବଳୟ।ଏଇ ପରିକଳ୍ପନାକୁ ସାକାର କରିବାକୁ ସ୍ମରଣିକାକୁ ଉପଯୁକ୍ତ ମଣିଲି। ଚିତ୍ତଗହନରେ ବାପାଙ୍କୁ ରଖି ପ୍ରଚ୍ଛଦପଟ ପାଇଁ ଚିତ୍ରକର ବି ସାଜିଲି ।

ବାପାଙ୍କୁ ଉତ୍ସର୍ଗୀତ ଏଇ ସ୍ମରଣିକା ଟି ମୋର ଏକ ଛୋଟ ପ୍ରୟାସ ମାତ୍ର..!!!

*କୁଞ୍ଜବିହାରୀ ଲେନ, କଟକ*
*ମୋ: ୯୪୩୮୧୭୫୫୪୨*

## ଗାଆଁରେ ଅଛି ମାଆ

*ରତ୍ନକାନ୍ତି ମିଶ୍ର*



ମୁଁ ରହେ ସହରରେ
ସ୍ତ୍ରୀ ପିଲା ଧରି
ମୋ ମାଆ ରହେ ଗାଆଁରେ
ସାହି କୁଟୁମ୍ବ ଧରି
କେତେଥର କହିଲିଣି ମାଆ କୁ
ତୁ ଗାଁ ଛାଡି ଆସି ରହ ମୋ ପାଖରେ
ମାଆ ପାଟିରେ କିନ୍ତୁ
ସେଇ ସମାନ ଉତ୍ତର
' ଯାଆନ୍ତି ଯେ
ଏ ଗାଆଁ ଟା ପା ଯିବନି ମୋ
ସାଥିରେ'
ଏଣେ ମୋ କଥା ଭାବି
ଆଖିରୁ ବୁହାଇବ ଲୁହ
ହେଲେ ମାଆ ଛାଡି ପାରିବନି
ଗାଆଁ ର ମୋହ...!
ସୁବିଧା ଅସୁବିଧାରେ
ମାଆ ପାଖରେ ଥାଆନ୍ତି
କେତେ ଆପଣପଣ ଯାଚି ଦେଉଥିବା
ଜ୍ଞାତି ପରିଜନ
ଆମେ ପୁଅ ବୋହୂ ଅରଜୁଛୁ ଧନ
ହେଲେ
ଆମ ପାଖରେ ନାହିଁ ସମୟ
ଅବା ମାଆ କଥା ବୁଝିବାକୁ
ପ୍ରାଣୋଚ୍ଛଳ ମନ...!!!
କାଳେ ମୋତେ କିଏ ପଚାରି ଦେବ
ତେଣୁ ମୁଁ ଆଗତୁରା
ବାକଚାତୁରୀ ଦେଖାଇ ସମସ୍ତଙ୍କୁ
କହେ
ଗାଁ କୁ ଛାଡି ରହିପାରିବନି ମାଆ
ଆଉ ମାଆକୁ ଛାଡି ଗାଆଁ...!

*ଆଳି, କେନ୍ଦ୍ରାପଡା*

## ସଳିତାର ଆତ୍ମ ହତ୍ୟା

*ଡ଼ୁଇଟି ଡେଭିଡ ଫିଲିପ*



ଫୁଲର ଲତା, ନୟନରେ ବିକ୍ଷତା
କ୍ଷମତା ଆଗରେ ଉଲଙ୍ଗ ମନତା
ପ୍ରେମ ନୁହେଁ ସେ ସମ୍ଭୋଗର ମନ
ଶିକାରନ୍ତି ମୋହର ସରଳ ହୃଦୟ ।
ବକ୍ଷ ଲୁଚୁ ନି ଯାହା
ମୁଣ୍ଡରେ ଦାରିଦ୍ର୍ୟତା
ପେଟ ଲୁଚୁ ନି ତା ନାଭି ଭିତରେ କ୍ଷୁଧା
ପୋଛି ପାରୁନି କପାଳରେ ଯାହା ଲେଖା
ଉଲଗ୍ନ କରୁଛି ତୁମରି କୁତ୍ସିତ ଭୂଲତା।
ନୟନ ନୁହେଁ ଅଜସ୍ର ସମ୍ଭୋଗୀ ବଛା
ବିନ୍ଧି ପାରିବି ନି ତାଙ୍କ ପିପାସୁ ଅନିଦ୍ରା
ଧନ, ଶାସନ, ଆଇନ ହାତରେ ଯାହା
ଜାଳିଦିଏ ନ ହେଉ କାହାର ଏ ସଳିତା ।
ଆସିଥିଲି କାମ ପାଇଁ ହେବି
ବୋଲି ନେହୁରା
ଆସିଥିଲି ଭତ୍ତା ପାଇଁ ଲେଖାଇ
ଦେବ ମୋନାଁ
ଜାଣିନଥିଲି ଆଖି ନୁହଁ
ପେଟରେ ତୁମର ବଡଘା
ଯୌବନ ନ ଆସୁଣୁ ବାଧ ସଳିତାର
ଆତ୍ମହତ୍ୟା ।

*ଓକିଲ ଓ ସମାଜସେବୀ*
*ଭବାନୀପାଟଣା*
*ଫୋନ୍ ୯୪୩୭୧୦୪୩୦୩*

## ଅଧା

*ଆଦ୍ୟାଶା ମହାପାତ୍ର*



ଅନେକ କଥା ଅଧା ରହିଗଲା
ଯେମିତି;
ବାପାଙ୍କ ଜୀବନ ସଂଘର୍ଷ
ବୋଉର ନାନା ବାୟା ଗୀତ
ଦୁହେଁ ସ୍ୱପ୍ନରେ ଦେଖିଥିବା
ଖୁସି ସଂସାରର ଚିତ୍ର
ସେମିତି;
ଅଧା ରହିଗଲା
ମୋର ଜହ୍ନକୁ ଆବାହନ
ଆକାଶ ଛୁଇଁବାର ଆସ୍ଫାଳନ
ଆରମ୍ଭ କରିଥିବା ଯାତ୍ରା
ଦିଗନ୍ତ ଛୁଇଁବାର ଲକ୍ଷ
ଦେଖ
ଅଧା ପେଟରେ ଅଛି ରକ୍ଷକ
ତା'ଠୁ ଆର ଅଧକ ଛଡେଇ
ନେଇଛି
ଛଦ୍ମବେଶୀ ଭକ୍ଷକ
ତା ଭିତରେ କିଏ ଗୁଣୁଗୁଣଉଥିଲା
ଶେଷ ଶ୍ରାବଣର ଗୀତ
ସଁବାଳୁଆରୁ ପ୍ରଜାପତି କୁ
ରୂପାନ୍ତରିତ ହେବାର ଇଚ୍ଛା
ତା ପାଇଁ କାଳେ ଗରହିତ
ନା ସେ ଏବେ ଘରକୁ
ନା ସେ ଏବେ ଘାଟକୁ
ସବୁଥିକୁ ସେ କାଳେ ଅଯୋଗ୍ୟ
ଅଧା ସ୍ୱର୍ଗର ତ୍ରିଶଙ୍କୁ...!!!

*ନୂଆପଡା, କଟକ*

## ସିଏତ କରୁଣାମୟୀ

*ସୁଧାକର ରାଉତ*



ଶରତ ଆକାଶ ନିର୍ମଳ ଦିଶଇ
ବରଷା ଏବେତ ଯାଇଛି ପଳେଇ
ଯେଣେ ଏ ଆଖି ପଡ଼ଇ
ପାର୍ବଣ ପାର୍ବଣ ଲାଗେ ପରିବେଶ
ମନକୁ ନିଏ ଚୋରେଇ ।
ଖରା ବରଷା ର ମାଡକୁ ସହଇ
ତଥାପି ଚାହିଁଛି ଆଖିକୁ ମେଲେଇ
ଧଳା ଲୁଗାଟେ ଘୋଡେଇ
କାଶଫୁଲ ଚାହିଁଅଛି ମା ଦୁର୍ଗାଙ୍କୁ
ଦେଖିବ ଆଖି ପୁରେଇ ।
ପଲ୍ଲୀରୁ ସହର ହୋଇଛି ସଜେଇ
ସବୁତ ଏବେ ନୂଆ ନୂଆ ଲାଗଇ
ମଣ୍ଡପ କୁ ଯେ ଚାହିଁଇ
ସାଜସଜା ଦେଖି ଲାଖିଯାଏ ଆଖି
ନ ଆଣି ପାରେ ଫେରାଇ ।
ମାଆଙ୍କର ରୂପ ଅପୂର୍ବ ଦିଶଇ
ତାଙ୍କଠୁ କରୁଣା ନିର୍ଝର ବହଇ
ତାଙ୍କ ପ୍ରେମେ ଯେ ହଜଇ
ଭକତି ଭାବ ରଖି ହୃଦ ଖୋଲିଲେ
ଇଚ୍ଛା ତା' ପୂର୍ଣ୍ଣ ହୁଅଇ ।
ତାଙ୍କ ଦୟାରୁ ସବୁ ଦୁଃଖ ହରଇ
ଆନନ୍ଦ ଉଲ୍ଲାସର ଢେଉ ଖେଳଇ
ଦେବାଟି ହାତ ପତେଇ
ମା' ତାଙ୍କ କରୁଣା ଢାଳିଲେ ତହିଁରେ
ଚାଲିବା ଆମେ ଆଗେଇ ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

## ମଣିଷ ଓ ଗଛର କଥା



ସୁରେନ୍ଦ୍ର ରଣା

ଗୋଟେ ଗାଁରେ ରାମ ନାମକ ଗୋଟିଏ ଚାଷୀ ରହୁଥିଲା । ସେ ବହୁତ ପରିଶ୍ରମ କରୁଥିଲା। କିନ୍ତୁ ମାଟିରେ ଉର୍ବର ଶକ୍ତି କମି ଯାଇଥିଲା ।ବର୍ଷା କମିଲା ।ଫସଲ କମିଲା ।ଗାଁରେ ଲୋକେ ଅଳସୁଆ ହୋଇ ଗଛ କାଟିବାକୁ ଆରମ୍ଭ କଲେ । ଗଛଗୁଡ଼ିକ ଦେଖିଲେ ମଣିଷ ଆମକୁ କାଟୁଛି କିନ୍ତୁ ସେ ବୁଝି ନ ଥିବ ଯେ ଆମେ ବିନା ସେ ବଞ୍ଚି ପାରିବ ନାହିଁ। ଅମ୍ଳଜାନ ଅଭାବରେ ଶ୍ୱାସ ଅଟକି ଯିବ । ମାଟି ସୁକ୍ଷ୍ମ ହୋଇଯିବ ।ରାମ ପ୍ରଥମେ ଗଛ କାଟିବାକୁ ହାତରେ କୁରାଡ଼ି ନେଲା କିନ୍ତୁ ସେତେବେଳେ ଗୋଟିଏ ପୁରୁଣା ବର ଗଛ କହିଲା, ହେ ମଣିଷ ତୁମେ ଆମକୁ କାଟିଦେଲେ ତୁମ ପୁଅ ପିଲାମାନେ ଗଛ ଛାୟାରେ ବସିବେ କେମିତି ? ପାଣି ଆସିବ କେମିତି ?ପକ୍ଷୀମାନେ ବାସ କରିବେ କେଉଁଠି ? ରାମଙ୍କ ହୃଦୟ ତରଳିଗଲା ।ସେ କୁରାଡ଼ି ରଖିଦେଲେ ଏବଂ ଭାବିଲା, ଆଜି ମୁଁ ଗଛକୁ କାଟିଦେଲେ କାଲି ମୋ ଜୀବନ କଟିଯିବ । ସେଇଦିନ ଠାରୁ ରାମ ଗାଁରେ ଅନ୍ୟମାନେ ଗଛ କାଟିବା ଛାଡି ଦେଲେ । ପ୍ରତ୍ୟେକ ବର୍ଷାଋତୁରେ ଗଛ ଲଗାଇବା ଆରମ୍ଭ କଲେ । କିଛି ବର୍ଷ ପରେ ଗାଁ ପୁଣି ସବୁଜିମା ହେଲା । ବର୍ଷା ପୁଣି ପ୍ରଚୁର ହେଲା। ପକ୍ଷୀମାନେ କିଚିର ମିଚିରି କରି ଗାନ ଗାଇବାକୁ ଆସିଲେ। କୋଇଲି ଓ ହଳଦୀ ବସନ୍ତ ପଞ୍ଚ ସ୍ୱରରେ ଗୀତ ଗାଇଲେ। ଜୀବଜନ୍ତୁ ଅତ୍ୟନ୍ତ ଖୁସିରେ ଜୀବନ ଅତିବାହିତ କଲେ। ପରିବେଶ ସୁରକ୍ଷା ଓ ସନ୍ତୁଳନ ରକ୍ଷା ହେଲା। ରାମର ପରିବାର ଓ ଗ୍ରାମବାସୀ ଆନନ୍ଦ ଉଲ୍ଲାସରେ କାଳାତିପାତ କଲେ ।ମଣିଷ ଓ ଗଛ ର ସମ୍ପର୍କ ମୁଖ୍ୟ ତ ଶ୍ୱାସ ଓ ପ୍ରାଣ। ବୃକ୍ଷ ହିଁ ଜୀବନ। ମଣିଷ ଓ ବୃକ୍ଷ ସମ୍ପର୍କ ପରସ୍ପର ମଧ୍ୟରେ ଜଡ଼ିତ। ସୃଷ୍ଟି ପାଇଁ ମଣିଷ ଓ ବୃକ୍ଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ।

*ଦଶମ ଶ୍ରେଣୀ ଛାତ୍ର*
*ନୋଡାଲ ଉଚ୍ଚ ବିଦ୍ୟାଳୟ,*
*ବୃନ୍ଦାବାହାଲ, ଗୋଲାମୁଣ୍ଡା,କଳାହାଣ୍ଡି*

## ବାପା

*ଉମେଶ ଚନ୍ଦ୍ର ପାତ୍ର*



ଭୁଲ୍ ନ କରିବାର ଶହେ ନିୟମ
ତା' ପରେ ବି
ବିଗିଡି ଯାଏଁ ଯାବତୀୟ କାମ
ତୁମ ଆକଟର ପ୍ରତୀକ୍ଷାରେ
ବିତିଯାଏ ଦିନ ପରେ ଦିନ
ତୁମେ ନଭ ନୀବାସୀ ହେବା ଦିନୁଁ
ସୁଖ ସବୁ ମଉଳା ଫୁଲ ପରି ଶ୍ରୀହୀନ
ଦିନ ସବୁ ଅସରନ୍ତି ଦୁଃଖର ଜୁଆର ପରି
ଦୁଃଖ ପର୍ବତ ପରି
ଆଉ ଆଶା
ଘୋର ଅନିଶ୍ଚିତତାର କୁହୁଡି ପରି
ତଥାପି ତୁମ ଆଶିଷ ଅଦେଖା ପରଶ
ଦମ୍ଭ ଦିଏ ବଞ୍ଚିବାର ନୂଆ ରାହା ଦେଖାଏ
ସନ୍ତାନର ମନରେ
ସମ୍ଭାବନାର ନଅର ନିତି
ତୋଳୁଥାଏ ।
ବାପା
ତୁମ ପାଦ ତଳେ କୋଟି ପ୍ରଣାମ।
ଅପହଞ୍ଚ ଅତୀତର ସ୍ମୃତି ସବୁ
ସେଦିନର ଅଳି ଅର୍ଦ୍ଦଳିର ଗାଥା ସବୁ
ହାତରେ ଚାନ୍ଦ ଛୁଇଁବାର ସ୍ୱପ୍ନ ସବୁ
ଲାଗୁଥିଲା ଫୁଲଭରା ଫଗୁଣର ବେଳା
ତୁମେ ପାଖରେ ଥିବା ମୂହୁର୍ତ୍ତ ସବୁ
ନ ସରିବାର ଭାବନା ମଧ୍ୟରେ
ଅଶେଷ ସୁଖ ବୋଲି
ଅନୁଭବ ମଧ୍ୟରେ
କେତେ ସଅଳ ଶେଷ ହୋଇଗଲା
ଖୋଜିଲେ ମିଳେନା ସେ
ଅପାଶୋରା କ୍ଷଣ ସବୁ ।
ଏବେ ଖାଲି ଆଶିଷ ଓ
ଆଶ୍ୱାସନାର ଆଶାରେ
ତାରା ମଣ୍ଡଳକୁ ଚାହିଁ
ପାଏ ପ୍ରବୋଧନା
ଈଶ୍ୱରଙ୍କ ସତ୍ତା ସ୍ୱରୂପରେ ତୁମକୁ ପାଇ
ପ୍ରତ୍ୟେକଟି ସଫଳତାର ଉତ୍ସର୍ଗରେ
ଦିଏ ପୁଷ୍ପାଞ୍ଜଳି ...କରେ ପାଦ
ବନ୍ଦନା ।

*ଛତିଆ, ଯାଜପୁର*
*ମୋ: ୯୮୫୩୫୮୯୪୩୨*

## ସାତ ସପନ



ସୁଚରିତା ମହାନ୍ତି

ବୋଉ ଉସକୁଲ୍ ଯିବି । ଖାଇବାକୁ ଦେ' ।
ସ୍ପଷ୍ଟ କଥା ପାଟିରୁ ବାହାରୁନଥିଲା ।ଛ', ସାତ ବର୍ଷ ବୟସର ପିଲାଟି ।ଠିକ୍ ଭାବରେ କଥା କହିବା କ'ଣ, କିଛି ହେଲେବି ଶିଖିନି।
ବାପାର ଭାରି ଅଲିଅଳ ପୁଅ ମଣି। ବାପା ତା'ର ସର୍ବସ୍ୱ ।ରାତି ପାହିଲା ମାତ୍ରକେ ବାପା ପାଖରେ ସବୁ ଅଳି ଅର୍ଦ୍ଦଳି ।କିନ୍ତୁ ଏବେ ପରିସ୍ଥିତି ସଂପୂର୍ଣ୍ଣ ଅଲଗା ।
ଦୁନିଆ କ'ଣ ? ଭଲମନ୍ଦ କ'ଣ ?ଏସବୁ ବୁଝିବା ବେଳକୁ ହୁଏତ ଆହୁରି ଅନେକ ବର୍ଷ ଲାଗିଯିବ । ସେ ବୁଝି ପାରିନାହିଁ ଏହାରି ଭିତରେ ବାପା ଛେଉଣ୍ଡ ହୋଇଯାଇଛି ବୋଲି।
ବାପା ଯେମିତି ବି ହେଉ ପଛକେ, ଛାତିରେ ଜାବୁଡ଼ି ଧରି ଗେଲ କରୁଥିଲା,କାନ୍ଧରେ ବସେଇ ଗାଁ ମେଳାରେ ବୁଲେଇ କେତେ କ'ଣ ଖେଳଣା କିଣି ଦେଉଥିଲା।
ସେ ଯାହା ଖାଇବାକୁ କହୁଥିଲା, ବାପା ତା'ର ଶ୍ରଦ୍ଧାରେ କିଣି ଖୁଆଉ ଥିଲା ।ମୂଳ ଲାଗି ଆସିବାପରେ ପୁଅକୁ ସାଇକେଲରେ ବସେଇ ଘେରାଏ ବୁଲେଇ ନ ଆଣିଲେ ତା' ମନ ବୁଝୁ ନଥିଲା।
ସବୁଦିନ ତା' ପାଠ ପଢ଼ାକୁ ନେଇ ବାପା ମା' ଝଗଡ଼ା ଲାଗୁଥିବାର ସେ ଦେଖୁଥିଲା ।
ବାପା ତା'ର କହୁଥିଲା,ମଣି ବୋଉ !ପୁଅ ଆମର ବହୁତ ପାଠ ପଢ଼ିବ। ବଡ଼ ଲୋକ ହେବ ।ମଣି ବଡ଼ ମଣିଷ ହେଲେ ଆମେ ଆଉ ଗରିବ ହୋଇ ରହିବାନି। ଆମକୁ ଆଉ ମୂଲ ଲାଗିବାକୁ ପଡ଼ିବନି।
ଆମେ ତିନିଜଣ ଖୁସିରେ ରହିବା ।
ମଣି ବୋଉ ଚିଡ଼ି ଯାଇ କହୁଥାଏ,ହଁ ମ' ଥାଉ ।ଆଉ ଏତେ ସପନ ଦେଖନି ।
ମଣି ଏଡ଼ିକି ଟିକିଏ ନାଖୁରୁ ହେଇଛି ସେ କେବେ ବଡ଼ ହେବ ପଢ଼ି ମଣିଷ ହେବ ।
ତମେ ଖାଲି ସପନ ଦେଖିକି ବାୟା ହେଇଯାଉଚ।
ହଁ ,ତର ଖାଲି ସେଇ କଥା ।
ମ କଥା ତତେ ଗନ୍ଧଉଛି ।
ଦେଖିବୁ ଯେଦିନ ମଣି ଆମର ବଡ଼ ମଣିଷ ହେଇ ଘରକୁ ଆସିବ ସେତେବେଳେ କାହା କଥା ଠିକ୍ ହେବ କି ସପନ ହେବ ଜାଣିବୁ ।
ମଣି ବୋଉ ମୁହଁକୁ ମୋଡ଼ି ଦେଇ ତା' କାମରେ ଲାଗିପଡ଼ ? ।
ଦଇବର ଇଚ୍ଛା କ'ଣ ଥିଲା କେଜାଣି ସେଇ ଦଇବକୁ ଜଣା ।
ଅଜଣା ରୋଗରେ ମଣି ବାପାର ଦିନକୁ ଦିନ ବିଗିଡ଼ିବାରେ ଲାଗିଲା ।ସେଇ ରୋଗରେ ପଡ଼ି ତା'ର ଦେହାନ୍ତ ହେଲା ।ରୋଗ ପାଇଁ ଯାହା କିଛି ସଞ୍ଚି ରଖିଥିଲେ ସବୁ ସରିଗଲା।
ଘରର ମେରୁଦଣ୍ଡ ଭାଙ୍ଗିଗଲା ପରେ ମଣି ବୋଉକୁ ସବୁ ଦିଗ ଅନ୍ଧାର ଦେଖାଯାଉଥିଲା।
ଭାବୁଥିଲା ମଣି ବାପା କହୁଥିବା କଥା ସବୁକୁ ।ମଣିକୁ ନେଇ କେତେ ସପନ ସଜେଇଥିବା ମଣିଷଟା ଏମିତି ଅଚାନକ ଛାଡ଼ି ଚାଲିଯିବ ବୋଲି କିଏ ବା କାହିଁକି ଭାବିବ ।
ପୁଅକୁ କୋଳକୁ ଟାଣିନେଇ ଛୋଟ ପିଲା ଭଳି କଇଁକଇଁ ହୋଇ କାନ୍ଦିବାକୁ ଲାଗିଲା ।କ'ଣ କହି ପୁଅକୁ ବୁଝେଇବ। କ'ଣ କହି ନିଜକୁ ବୁଝେଇବ ।କିଏ ଆଉ ତା' ବାପା ଭଳି ତା' ମନ ଅନୁଯାୟୀ ସବୁ ଚିଜ ଆଣିଦେବ ।ମୁଣ୍ଡ ଉପରେ ଯେମିତି ଦୁଃଖର ପାହାଡ଼ଟା ଦୁମ୍ କରି ଖସି ପଡୁଥିଲା ।ମଣି ବୋଉ ମୁହଁକୁ ଚାହିଁ କହୁଥାଏ,ବୋଉ ଲ ବାପା କହୁଥିଲେ, ଉସକୁଲ୍ ଯିବି,ପାଠ ପଢ଼ି ବଡ଼ ମଣିଷ ହେବି । ବାପାଙ୍କୁ ଡାକ । ମୋତେ ଉସକୁଲ୍ ନେଇଯିବେ।
ମଣି ପାଇଁ ସାତ ସପନ ହେଇ ରହିଗଲା ପାଠ ପଢ଼ି ବଡ଼ ମଣିଷ ହେବା । ମଣିର ମୁଣ୍ଡ ଆଉଁସି ତା' ବୋଉ ତାକୁ କହୁଥାଏ ।କାଲି ଠାରୁ ମ ସାଙ୍ଗରେ ମୂଲ ଲାଗିବାକୁ ଯିବୁ ଆଉ ଇସକୁଲ୍ ନୁହେଁ।
ଆମେ ଖଟିଲେ ପେଟର ଭୋକ ମରିବ, ଦେହକୁ କନା ମିଳିବ । ଇସକୁଲ୍ ତତେ କ'ଣ ଦେବ ?

*ବାରିପଦା,ମୟୂରଭଞ୍ଜ*
*ମୋ: ୮୯୧୭୫୭୧୨୦୨*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Sunday September 28 | ଭୁବନେଶ୍ୱର ରବିବାର, ୨୮, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ଦୃତ ୭୫ ଏମଏମଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କଲା ପାରାଦୀପ ବନ୍ଦର



ପାରାଦୀପ,(ପି.ଏନ): ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ମାସ ପୁରା ହେବାକୁ ୧୦ ଦିନ ଥିବା ବେଳେ ପାରାଦୀପ ବନ୍ଦର ୭୫ ଏମଏମଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି । ଏହି ଦୃତ ପଣ୍ୟ କାରବାର ସମଗ୍ର ଦେଶର ବୃହ ବନ୍ଦରମାନଙ୍କୁ ପଛରେ ପକାଇ ପାରାଦୀପ ବନ୍ଦର ଏହି ଐତିହାସିକ ରେକର୍ଡ ସୃଷ୍ଟି କରି ପାରିଛି । ଏହି ସମୟ ମଧ୍ୟରେ ପାରାଦୀପ ବନ୍ଦରର ପଣ୍ୟ କାରବାରରେ ୫.୦୩ ପ୍ରତିଶ୍ତ ଅଭିବୃଦ୍ଧି ହୋଇଛି । କ୍ରୁଡ୍ ଅଏଲ ପରିବହନ କ୍ଷେତ୍ରରେ ୧୭.୨୨ ଏମଏମଟି ପରିବହନ କରି ୧୯.୩୪ ପ୍ରତିଶତ ଅଭିବୃଦ୍ଧି ହୋଇଛି । ତଟୀୟ ଥର୍ମାଲ କୋଇଲା ପରିବହନ କ୍ଷେତ୍ରରେ ୨୨.୫୧ ଏମଏମଟି ପଣ୍ୟ କାରବାର କରି ପାରାଦୀପ ବନ୍ଦର ୪.୩ ପ୍ରତିଶତ ଅଭିବୃଦ୍ଧି କରି ପାରିଛି । ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଏହି ସଫଳତା ନିମନ୍ତେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ବିଭାଗ ମନ୍ତ୍ରୀ ସର୍ବାନନ୍ଦ ସେନୋଓାଲଙ୍କ ମାର୍ଗଦର୍ଶନ ଓ ନେତୃତ୍ୱକୁ କୃତଜ୍ଞତା ଜଣାଇଛନ୍ତି । ଏଥି ସହିତ ଶ୍ରୀ ହରନାଦ ବନ୍ଦର ଅଧିକାରୀ, କର୍ମଚାରୀ, ବନ୍ଦର ବ୍ୟବହାରକାରୀ, ଷ୍ଟିଭେଡୋର୍ସ, ଷ୍ଟିମସିପ୍ ଏଜେ , ଟ୍ରେଡ୍ ୟୁନିୟନ, ପିପିପି ଅପରେଟରଙ୍କୁ ସେମାନଙ୍କ ସହଯୋଗ ନିମନ୍ତେ ଧନ୍ୟବାଦ ଜଣାଇଛନ୍ତି । ଏହି ସଫଳତା ଦେଶର ନୌବାଣିଜ୍ୟିକ କ୍ଷେତ୍ରରେ ପାରାଦୀପର ସଫଳତା ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନରେ ପହଂଚାଇବ ।

## ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହେଲେ ଟପ୍ ଟେନ୍‌ରେ ସପ୍ତମ ସ୍ଥାନ ପାଇଛନ୍ତି ଶୈଳେଶ ଭୋଇ



ଗୋଲାମୁଣ୍ଡା,( ପି ଏନ): ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଫୁଣ୍ଡା ଗ୍ରାମରେ ଶ୍ରୀ ନିରଞ୍ଜନ ଭୋଇ ଓ ଗୀତାଞ୍ଜଳି ଭୋଇଙ୍କ ଔରସରୁ ଜାତ ସନ୍ତାନ ହେଉଛନ୍ତି ଶୈଳେଶ ଭୋଇ । ତାଙ୍କର ବାଲ୍ୟକାଳ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଫୁଣ୍ଡା ଗ୍ରାମରେ କଟିଥିବା ବେଳେ ପାଠ ପଢା ପାଇଁ ତାଙ୍କ ପିତା ନିରଞ୍ଜନ ଭୋଇ ଧର୍ମଗଡ଼ ଯାଇ ରହୁଛନ୍ତି । ସେଠାରେ ତାଙ୍କୁ ପାଠ ପଢ଼ାଇଥିଲେ । ଶ୍ରୀ ଭୋଇ ଚ଼ପ୍ରିଆ ଉଚ୍ଚ ବିଦ୍ୟାଳୟ କାର୍ଯ୍ୟରତ ଥିବା ବେଳେ ମାତା ଗୀତାଞ୍ଜଳି ଭୋଇ ନିଜ ପୁଅର ଭବିଷ୍ୟତ ପାଇଁ ଘରେ ପାଠ ପଢ଼ାଉଥିଲେ । ଶୈଳେଶ ଜଣେ ମେଧାବୀ ଛାତ୍ର ଥିଲେ । ସେ ଆଜି ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ଓଡ଼ିଶା ସିଭିଲ ସର୍ଭିସ ୨୦୨୩ପରୀକ୍ଷା ଫଳ ପ୍ରକାଶ ପାଇଛି । ଏହି ପରୀକ୍ଷାରେ ୩୯୮ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଏହି ପରୀକ୍ଷାରେ ପ୍ରଥମ ୧୦ଜଣଙ୍କ ମଧ୍ୟରେ ରହିଛନ୍ତି ଶୈଳେଶ ଭୋଇ । ସେ ସପ୍ତମ ସ୍ଥାନ ଅଧିକାର କରି ଓଡ଼ିଶାରେ ଗୌରବ ଆଣିଛନ୍ତି । ତାଙ୍କ ବାପା ଫୁଣ୍ଡା ଗ୍ରାମରେ ଜନ୍ମଗ୍ରହଣ କରି ଧର୍ମଗଡ଼ ରହି ଚ଼ପ୍ରିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟରତ ଅଛନ୍ତି । ତାଙ୍କ ମାତା ଗୀତାଞ୍ଜଳି ଭୋଇ ଜଣେ ଗୃହିଣୀ । ନିଜ ମାତା ପିତାଙ୍କ ପ୍ରେରଣାରେ ପ୍ରେରିତ ହୋଇ ଛୋଟ ବେଳୁ ଶୈଳେଶ ଭୋଇଙ୍କର ପାଠ ପଢା ପ୍ରତି ଆଗ୍ରହ ଥିଲା । ସେ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ଥିଲେ । ସେ ନିଜର ଅଧ୍ୟବସାୟ ବଳରେ ବିନା କୋଚ଼ିଂରେ ଘରେ ରହି ସୋସିଆଲ ମିଡିଆରେ ଓ ଡିଜିଟାଲ ମିଡିଆର ସହାୟତା ନେଇ ନିଜକୁ ପରୀକ୍ଷା ପାଇଁ ପ୍ରସ୍ତୁତ କରି ସଫଳତା ପାଇଛନ୍ତି । ତାଙ୍କର ଏହି ସଫଳତାରେ ଏହି ଅଞ୍ଚଳରେ ଖୁସିର ଚ଼ର୍ଚ୍ଚା ହେଉଥିବା ବେଳେ ବିଭିନ୍ନ ମହଲରେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

## ଓଇଏସ୍ ଓ ଷ୍ଟେଟ୍ ବ୍ୟାଙ୍କ୍ ଆନୁକୁଲ୍ୟରେ ଚ଼ାରାରୋପଣ

ଭୁବନେଶ୍ୱର,(ପି.ଏନ): ପରିବର୍ତ୍ତିତ ପରିସ୍ଥିତିରେ ସମ୍ପ୍ରତି ଆହ୍ୱାନକାରୀ ପାଲଟିଥିବା ବିଭିନ୍ନ ପରିବେଶଜନିତ ସମସ୍ୟାକୁ ପ୍ରତିହତ କରିବା ନିମନ୍ତେ ଯୁବ ପିଢ଼ିକୁ ଜଡ଼ିତ କରି ଚ଼ାରାରୋପଣ ମାଧ୍ୟମରେ ସବୁଜିମାର ବୃଦ୍ଧି ଘଟାଇବା ହେଉଛି ଶ୍ରେଷ୍ଠ ପ୍ରଯୁଜ୍ୟ କାର୍ଯ୍ୟପନ୍ଥା ଓ ଏହି ନୀତିକୁ ଅବଲମ୍ବନ କରି ଓଡ଼ିଶା ପରିବେଶ ସମିତି (ଓଇଏସ୍), ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍, ଭୁବନେଶ୍ୱର ଲୋକାଲ୍ ହେଡ୍ ଅଫିସର ପୃଷ୍ଠପୋଷକତାରେ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ କରିଆସୁଛି । ଏହି କ୍ରମରେ ଆଜି ଗୋବିନ୍ଦପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଭାଗୃହରେ ଛାତ୍ରଛାତ୍ରୀମାନଙ୍କ ସହ ସଭାକାର୍ଯ୍ୟ ଏବଂ ପରେ ପ୍ରାଙ୍ଗଣରେ ଚ଼ାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ଅଧକ୍ଷ ବିଭୁତି ଭୂଷଣ ମଣ୍ଡଳ ଓ ମୁଖ୍ୟ ଅତିଥି ରୂପେ ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ଼. ଜୟକୃଷ୍ଣ ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ରୂପେ ପିପିଲି ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ପରିଚ଼ାଳକ ସୁବ୍ରତ ଷଡ଼ଙ୍ଗୀ ଯୋଗଦାନ କରିଥିଲେ ଓ ବୃକ୍ଷରୋପଣ ମାଧ୍ୟମରେ ସବୁଜିମାର ବୃଦ୍ଧି ଏବଂ ଜଙ୍ଗଲ ସମ୍ପଦକୁ ସୁରକ୍ଷା ପ୍ରଦାନ ଦ୍ୱାରା କିପରି ମାନବ ସମାଜର କଲ୍ୟାଣ ସାଧନ ହୋଇଥାଏ, ଅତିଥିମାନେ ସେ ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଓଇଏସ୍ ଉପସଭାପତି ଡ଼. ଲାଲା ଏକେ ସିଂହ, ସଂଯୋଜକ ନୀରଦ ବରଣ ଖୁଣ୍ଟିଆ, ସଦସ୍ୟ ପ୍ର. ନିମାଇଁ ଚ଼ରଣ ମିଶ୍ର ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ବୃକ୍ଷରୋପଣର ଗୁରୁତ୍ୱ ଉପରେ ଭାଷଣ ପ୍ରଦାନ କରିଥିଲେ ଓ ସଭାକାର୍ଯ୍ୟ ଶେଷରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରିବେଶ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଏବଂ ବିଜେତାମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ ଓ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଶିକ୍ଷୟିତ୍ରୀ ଅଙ୍କିତା ବେହେରା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷୟିତ୍ରୀ ଦୀପଶୀଖା ଦାସ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଆୟୋଜିତ କରିଥିଲେ ଶିକ୍ଷକ ସୁଜିତ କୁମାର ନାୟକ ଓ ଏହି ଅବସରରେ ଅତିଥି, ଶିକ୍ଷକ, କର୍ମଚ଼ାରୀ ଏବଂ ଛାତ୍ରଛାତ୍ରୀମାନଙ୍କ ମିଳିତ ପ୍ରୟାସରେ ୨୫୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଫଳ ଗଛ ଏବଂ ଅନ୍ୟାନ୍ୟ ଜାତିର ଚ଼ାରା ରୋପଣ କରାଯାଇଥିଲା ।

## ଜେଏସଡବ୍ଲ୍ୟୁ ପକ୍ଷରୁ ଏକ ପେଡ୍ ମାଆ କେ ନାମ୍ କାର୍ଯ୍ୟକ୍ରମ

ପାରାଦୀପ,(ପି.ଏନ):ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନକ୍ରମେ ପରିବେଶ ସୁରକ୍ଷା ପାଇଁ ଗଛର ମହ , ଗୁରୁତ୍ୱପୂର୍ଣ୍ଣ ଏହି ଆହ୍ୱାନକୁ ସାକାର କରିବା ପାଇଁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପରିସରରେ ଏକ ପେଡ୍ ମାଆ କେ ନାମ ଅଭିଯାନକୁ ପାଳନ କରିଛି । ବୁଧବାର ଦିନ ପ୍ରକଳ୍ପ ପରିସରରେ ବରକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ, ଓଡିଶା ବନ ଉନ୍ନୟନ ନିଗମ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରକଳ୍ପ ପରିସର ଢିଙ୍କିଆ ପଂଚାୟତ ବଟପଡାଠାରେ ଏହି ବୃକ୍ଷରୋପଣ କରାଯାଇଥିଲା । ଜେଏସଡବ୍ଲ୍ୟୁ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଙ୍କ ସମେତ ବହୁ ଅଧିକାରୀ, କର୍ମଚାରୀ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ । ଆଗାମୀ ଦିନରେ ପ୍ରକଳ୍ପ ଅଂଚଳରେ ଦଶ ଜହାର ବରକ୍ଷରୋପଣ କରାଯାଇ ପରିବେଶ ସୁରକ୍ଷାରେ କମ୍ପାନୀ ସହାୟତା ହେବ ବୋଲି ସୂଚନା ମିଳିଛି ।

## ଅସନ ବାତ୍ୟା ଆଶ୍ରୟସ୍ଥଳୀ ମରାମତି କାର୍ଯ୍ୟ ଅନିୟମିତତା
### ଜିଲ୍ଲାପାଳ ନିର୍ଦ୍ଦେଶକୁ ମାନୁନାହାନ୍ତି ବ୍ଲକ୍ ଅଧିକାରୀ

ଅସ୍ତରଙ୍ଗ,(ପି.ଏନ): ଅସ୍ତରଙ୍ଗ ବ୍ଲକ ଆଳସାହି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅସନ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ମରାମତି କାର୍ଯ୍ୟକୁ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଥାନାରେ ଅଭିଯୋଗ ହୋଇଥିଲା ।କାର୍ଯ୍ୟ କରୁଥିବା ପ୍ରଥମ ଗୋଷ୍ଠୀକୁ କାର୍ଯ୍ୟରୁ ଅନ୍ତର କରି ସରପଞ୍ଚ ଗୋଷ୍ଠୀକୁ କାର୍ଯ୍ୟ କରିବା ପାଇଁ ଦିଆଯାଇଛି ।କିନ୍ତୁ ସରପଞ୍ଚଙ୍କ ଗୋଷ୍ଠୀ କାର୍ଯ୍ୟରେ ଅନିୟମିତତା କରୁଥିବା ସମ୍ପର୍କରେ ଅସ୍ତରଙ୍ଗ ବ୍ଲକ୍ ଜନ ଶୁଣାଣି ରେ ପୁରୀ ଜିଲ୍ଲାପାଳଙ୍କ ନିକଟରେ ୨୫/୦୮/୨୦୨୫ରେ ଲିଖିତ ଅଭିଯୋଗ ହୋଇଥିଲା ।ଅଭିଯୋଗ ଅନୁଯାୟୀ ସରକାରଙ୍କ ଏଷ୍ଟିମେଟ ଅନୁଯାୟୀ କରାଯାଉ ନାହିଁ ।ଏଷ୍ଟିମେଟ ଅନୁସାରେ ଷ୍ଟିଲ ରେଲିଙ୍ଗ ,ନୂତନ ଟାଇଲ ଲଗାଯିବା ପାଇଁ ନିର୍ଦ୍ଦେଶ ଅଛି ।କିନ୍ତୁ ଏ ସବୁ କାର୍ଯ୍ୟ କରା ନ ଯାଇ ପୁରୁଣା ଟାଇଲି ଉପରେ ରଙ୍ଗ ଲଗାଯାଇଛି ।କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ନିମ୍ନ ମାନର ହେଉଥିବା ବାବୁରାମ ମଲ୍ଲିକ ଅଭିଯୋଗ କରିଥିଲେ । ଜିଲ୍ଲାପାଳ ଅସ୍ତରଙ୍ଗ ବ୍ଲକ ବିଡ଼ିଓ ଓ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ କି ପୂର୍ବରୁ ଯେଉଁ ବ୍ୟକ୍ତି ମାନେ ଯେତିକି କାର୍ଯ୍ୟ ସମ୍ପାଦନ କରିଥିଲେ ଏବଂ ଯାହା ସବୁ ବଜାରରୁ କିଣି କାର୍ଯ୍ୟରେ ନିୟୋଜିତ କରିଛନ୍ତି ସେମାନଙ୍କୁ ସେତିକି ଟଙ୍କା ପ୍ରଦାନ ପାଇଁ ନିର୍ଶେ ଦେଇଥିଲେ । କାର୍ଯ୍ୟ କରିଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି କି ୮ଦିନ ରେ ଆମ ୧୪ ଜଣଙ୍କ ପ୍ରାପ୍ୟ କିମ୍ବା ଜିନିଷ କିଣା ଅର୍ଥ ଦେଉ ନାହାନ୍ତି ।ଏ ସମ୍ପର୍କରେ ଆଳସାହି ସରପଞ୍ଚ ଶ୍ରୀୟା ବରାଳ ଓ ୪ ଜଣ ୱାର୍ଡ ସଭ୍ୟ ସଭ୍ୟାଙ୍କୁ ଲିଖିତ ଭାବେ ଅଭିଯୋଗ ଦେଇଥିଲେ ମଧ୍ୟ ସରପଞ୍ଚ ଶୁଣି ନ ଥିଲେ ।ଅର୍ଥ ଦେବା ପରିବର୍ତ୍ତ ? ସେମାନଙ୍କୁ ସେଠାରୁ ବାଡେଇ ବାହାର କରିଦେଇଥିଲେ ।ଏ ସମ୍ପର୍କରେ ଉଭୟଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା ।କେଶ ନଂ ୧୧୯ରେ ୧୭ ଜଣକ ନାମରେ ଓ କେଶ ନଂ୧୨୦/ ରେ ୧୦ ଜଣକ ନାମରେ ମାମଲା ରୁଜୁ ହୋଇଥିଲା ।ବର୍ତ୍ତମାନ ସରପଞ୍ଚଙ୍କ ସମର୍ଥକ ମାନେ ନିମ୍ନ ମାନର କାର୍ଯ୍ୟ ଶେଷ କରି କନିଷ୍ଠ ଯନ୍ତ୍ରୀଙ୍କ ନାମରେ ବିଲ ଉଠାଇ ନେଇଛନ୍ତି ବୋଲି ବାବୁ ରାମ ମଲ୍ଲିକ, ବେବିନା ମଲ୍ଲିକଙ୍କ ସମେତ ୧୩ ଦସ୍ତଖତ କରି ଅଭିଯୋଗ କରିଛନ୍ତି ।ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କୌଣସି ଅର୍ଥ ଦିଆଯାଇ ନାହିଁ ।ପୁନର୍ବାର ଜିଲ୍ଲାପାଳଙ୍କୁ ୨୨/୦୯/ ୨୦୨୫ ରେ ଅର୍ଥ ପାଇ ନ ଥିବା ସମ୍ପର୍କରେ ଅଭିଯୋଗ କରିଛନ୍ତି ।ବିଡ଼ିଓ ଅଦ୍ୟାବଧି ଅର୍ଥ ପ୍ରଦାନ କରି ନାହାଁନ୍ତି ବୋଲି ବାବୁ ରାମ ମଲ୍ଲିକ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି । ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରିଣୀ ଓ ଯନ୍ତ୍ରୀ ଙ୍କୁ ପୁନର୍ବାର ବିଲ୍ ଦେବା ପାଇଁ ଜିଲ୍ଲା ପାଳ ପୁରୀ ନିର୍ଦ୍ଦେଶ ଦେଇଥିବା ଶ୍ରୀଯୁକ୍ତ ମଲ୍ଲିକ କହିଛନ୍ତି ।

## ଗଜପତି ସିଜେଏମ ଦୁଷ୍କର୍ମ ମାମଲାରେ ୧୨ବର୍ଷ ଛଅ ମାସ କାରାଦଣ୍ଡ ରାୟ ଦେଲେ

ପାରଳାଖେମୁଣ୍ଡି,(ପି.ଏନ): ଗତ ୨୦୨୨ ମସିହାରେ ଗଜପତି ଜିଲ୍ଲା ଗାରାବନ୍ଧ ଥାନା ଅଞ୍ଚଳରେ ଘଟିଥିବା ଏକ ଦୁଷ୍କର୍ମ ମାମଲାର ବିଚ଼ାର କରି ସିଜେଏମ୍ ତଥା ଆସିଷ୍ଟାଣ୍ଟ ସେସନସ୍ ଜଜ୍ ନରୋତ୍ତମ ସେଠୀ ଅଭିଯୁକ୍ତ ମାଣ୍ଡାଲୁ ବୁଲୁକୁ ୧୨ ବର୍ଷ ଛଅ ମାସ ଜେଲ୍ ? ଦଣ୍ଡାଦେଶ ଶୁଣାଇଛନ୍ତି । ଏଠାରେ ସୂଚ଼ନାଯୋଗ୍ୟଯେ, ପୀଡ଼ିତା ସହ ଦୁଷ୍କର୍ମ କରିବା, ଫଟୋ ଭାଇରାଲ କରିଦେବାକୁ ଧମକାଇ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିବା ଏବଂ ଜୀବନରେ ମାରିଦେବାର ଭୟ ଦେଖାଇବା ଅଭିଯୋଗ କରି ପୀଡ଼ିତା ଜଣକ ଗାରାବନ୍ଧ ଥାନାରେ ଅଭିଯୋଗ କରିଥିଲେ । ଏ ନେଇ ତତ୍କାଳୀନ ଇନ୍ସପେକ୍ଟର ସର୍ବ ?ଶ୍ୱର ସାମନ୍ତରାୟ ମାମଲାର ତଦନ୍ତ କରି ବୁଲୁକୁ ଗିରଫ କରି କୋର୍ଟ ଚ଼ାଲାଣ କରିଥିଲେ । ୨୧ଜଣ ସାକ୍ଷୀଙ୍କ ବୟାନ ତଥା ପ୍ରମାଣକୁ ଭିତ୍ତି କରି ଭାରତୀୟ ପିଙ୍ଗଳ କୋଡ଼ ଧାରା ୩୭୬ (୧) (ଦୁଷ୍କର୍ମ କରିବା), ଧାରା ୪୫୦ (ଘରେ ପଶି ଅପରାଧ କରିବା), ଧାରା ୫୦୬ (ଧମକ ଦେବା)ରେ ବୁଲୁକୁ ଦୋଷୀ ସାବ୍ୟସ୍ତ କରି ସିଜେଏମ୍ ତଥା ଆସିଷ୍ଟାଣ୍ଟ ସେସନସ୍ ଜଜ୍ ନରୋତ୍ତମ ସେଠୀ ଦୁଷ୍କର୍ମ ପାଇଁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୩୦ ହଜାର ଟଙ୍କା ଜରିମାନା, ଘରେ ପଶି ଅପରାଧ ଘଟାଇବା ସକାଶେ ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ଓ ପାଞ୍ଚ ହଜାର ଟଙ୍କା ଜରିମାନା ତଥା ଧମକ ଦେବା ମାମଲାରେ ଛଅ ମାସ ଅଧିକ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।

## ସାମାଜିକ ସଚେତନତା ଦିଗରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ



ନୟାଗଡ,(ପି.ଏନ): ସନାତନ ମହାକୁଡ଼ । ନାଟକ ଜୀବନର କଥା କହେ ।ଏହା କେବଳ ମନୋରଂଜନ ପାଇଁ ନୁହେଁ । ସମାଜକୁ ସଚେତନ କରିବା ତଥା ନୂତନ ଦିଗ ଦେଖାଇବାର ଏକ ସଶକ୍ତ ମାଧ୍ୟମ । ନାଟକ ସିଧାସଳଖ ଭାବେ ଦର୍ଶକଙ୍କ ହୃଦୟ କୁ ଛୁଏଁ ଏବଂ ସେମାନଙ୍କୁ ଭାବିବା ପାଇଁ ପ୍ରେରିତ କରେ ମଧ୍ୟ । ଏଥିପାଇଁ ନାଟକକୁ ସମାଜର ଦର୍ପଣ କୁହାଯାଏ ବୋଲି ଓଡ଼ିଶା ନାଟ୍ୟ ସଂଘ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ସ୍ଥାନୀୟ ଇନସ୍ଟାୟାର ସଭାଗୃହ ପରିସରରେ ନୟାଗଡ଼ ଜିଲ୍ଲା ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ନୟାଗଡ଼ର ସଭାପତି ଇଂ ଦେବାଶିଷ ପଟ୍ଟନାୟକ, ସମ୍ମାନନୀୟ ଅତିଥି ବିଶିଷ୍ଟ ଶିକ୍ଷାବିତ୍ ଓ ନାଟ୍ୟକାର ଶ୍ରୀଧର ସାହୁ ଏବଂ କବୀ ଗୀତାଞ୍ଜଳି ମହାପାତ୍ର ଯୋଗଦେଇ ନାଟକର ସ୍ୱରୂପ ତଥା ନୟାଗଡ଼ ନାଟକର ବିକାଶ ଉପରେ ଆଲୋକପାତ କରିଥିଲେ । ଓଡ଼ିଶା ନାଟ୍ୟ ସଂଘର ଜିଲ୍ଲା ସଂଯୋଜକ ଶରତ ଚ଼ନ୍ଦ୍ର ଆଚ଼ାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ ଅଧ୍ୟାପିକା ନିଳୀମା ନନ୍ଦ । ଏହି ଅବସରରେ +୨ ଓ +୩ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଏକକ ଅଭିନୟ , ମୁକାଭିନୟ ଓ ସଂଳାପ କହିବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏକକ ଅଭିନୟ ରେ ଅଭିଲିପ୍ସା ସାହୁ, ଶୁଭଶ୍ରୀ ନାୟକ, ବିଶ୍ୱଜିତ ରାଉତ, ସେହିପରି ସଂଳାପ କହିବାରେ ସାଗର ବେହେରା, ରୋଜାଲିନ ଦାଶ, ସୁମିତ ପାଲ୍ ଏବଂ ମୁକାଭିନୟରେ ଦୀପଙ୍କର ଦାଶ, ଶୁଭାଶିଷ ଦାଶ ଯଥାକ୍ରମେ ପ୍ରଥମ , ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ଛାତ୍ରୀ ବିଦ୍ୟା ବିଜିତା ମହାନ୍ତି ଙ୍କୁ ସ୍ୱତନ୍ତ୍ର ବିଚ଼ାରକ ସମ୍ମାନ ପ୍ରଦାନ କରାଯାଇଥିଲା । ଅତିଥି ବିଚ଼ାରକ ରୂପେ ଯୋଗଦେଇଥିଲେ ମିଷ୍ଟର କାଳିଆ, କାମାକ୍ଷା ପ୍ରସାଦ ଦାଶ ଓ ଗୋକୁଳ କୁମାର ଷଡ଼ଙ୍ଗୀ । ବରିଷ୍ଠ ଅଭିନେତା ନିରଞ୍ଜନ ନାୟକ ଙ୍କ ବରିଷ୍ଠ ନାଗରିକଙ୍କ ସମସ୍ୟା କୁ ନେଇ ଏକକ ଅଭିନୟ ଥିଲା ହୃଦୟସ୍ପର୍ଶୀ । ସମଗ୍ର ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହେଉଥିବାରୁ ଉପସ୍ଥିତ ନାଟ୍ୟକର୍ମୀମାନେ ଓଡ଼ିଶା ନାଟ୍ୟ ସଂଘ ର ସଭାପତି ଜାତୀୟସ୍ତରର ପ୍ରସିଦ୍ଧି ପ୍ରାପ୍ତ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ ଓ ବିଶିଷ୍ଟ ଅଭିନେତା ତଥା ଓଡ଼ିଶା ନାଟ୍ୟ ସଂଘର ସଂପାଦକ ଶୁଭକାନ୍ତ ପାଢ଼ୀ ଙ୍କୁ ଭୂୟସୀ ପ୍ରଶଂସା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray